# NATIONAL NEWS BULLETIN (ODIA)

## 29 September - 2025

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ନିର୍ବାଚନ ସମେତ ୮ଟି ଉପନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ନିମନ୍ତେ ଘୋଷଣା କଲେ ନିର୍ବାଚନ ଆୟୋଗ
- ପିଏମ୍ ଗତିଶକ୍ତି ଯୋଜନାରେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି ୨୯୩ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ
- ନୂଆଦିଲ୍ଲୀରେ ଆଜି ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ପାକିସ୍ତାନକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରି ଭାରତ ଏସିଆକପ୍ ଟି-୨୦ କ୍ରିକେଟ୍ ଚମ୍ପିୟାନ୍

–ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

## ଇ.ସି. - ସେଣ୍ଟ୍ରାଲ୍ ଅବ୍‌ଜର୍‌ଭର୍ସ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ଏବଂ ବିଭିନ୍ନ ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗ’

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ନିମନ୍ତେ ଘୋଷଣା କରିଛନ୍ତି । ଏହି ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ସାଧାରଣ, ପୁଲିସ୍ ଏବଂ ବ୍ୟୟ ପର୍ଯ୍ୟବେକ୍ଷକ ରହିବେ । ୪୭୦ ଜଣ ଅଧିକାରୀଙ୍କ ମଧ୍ୟରେ ୩୨୦ ଜଣ ଆଇ.ଏ.ଏସ୍. ଏବଂ ୬୦ ଜଣ ଆଇ.ପି.ଏସ୍. ଅଧିକାରୀ ରହିବେ । ସେମାନେ ରାଜ୍ୟରେ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ । ଏହି ପର୍ଯ୍ୟବେକ୍ଷକମାନେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳିରେ ମତଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ସହ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସେମାନେ ନିରପେକ୍ଷ ମତଦାନ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ଭୋଟର୍ ସଚେତନତା ଏବଂ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଂଖ୍ୟା ଭୋଟର୍ଙ୍କ ଯୋଗଦାନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବେ । ଜମ୍ମୁ-କାଶ୍ମୀରର ବୁଡ୍‌ଗାମ୍ ଏବଂ ନାଗ୍ରୋଟା ଆସନ, ରାଜସ୍ଥାନର ଅନ୍ତା, ଝାଡ଼ଖଣ୍ଡର ଘଟଶିଳା, ତେଲଙ୍ଗାନାର ଯୁବିଲି ହିଲ୍‌ସ, ପଞ୍ଜାବର ତରନ୍ ତରନ୍, ମିଜୋରାମର ଡାମ୍ପା ଏବଂ ଓଡ଼ିଶାର ନୂଆପଡ଼ାଠାରେ ଉପନିର୍ବାଚନ ହେବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସେବାପର୍ବ-ପିଏମ୍ ଗତିଶକ୍ତି

### Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟରପ୍ଲାନ୍ ଜରିଆରେ ଦେଶର ଭିତ୍ତିଭୂମି ବିକାଶ ଦିଗରେ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି ।

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୧ ବର୍ଷରେ ଭାରତର ଭିତ୍ତିଭୂମି ପରିଦୃଶ୍ୟରେ ବିରାଟ ପରିବର୍ତ୍ତନ ଘଟିଛି । ପିଏମ୍ ଗତିଶକ୍ତି ପଦକ୍ଷେପ ପୂର୍ବରୁ ରହିଥିବା ପ୍ରଶାସନିକ ପ୍ରତିବନ୍ଧକଗୁଡ଼ିକୁ ଦୂର କରି ଦେଶର ବିକାଶ ଦୃଷ୍ଟିକୋଣକୁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ତ୍ୱରାନ୍ୱିତ କରାଯାଇ ବାସ୍ତବତାରେ ପରିଣତ କରାଯାଇଛି । ସରକାରଙ୍କୁ ଲୋକାଭିମୁଖୀ କରିବା ଏବଂ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ ପିଏମ୍ ଗତିଶକ୍ତି ଯୋଜନା ଦେଶର ରୂପରେଖ ପରିବର୍ତ୍ତନରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ।

**V/O-PM Gati Shakti**

୨୦୨୧ ମସିହାରେ ଆରମ୍ଭ ହୋଇଥିବା ପିଏମ୍ ଗତିଶକ୍ତି ଏକ ଜାତୀୟ ସ୍ତରୀୟ ମାଷ୍ଟରପ୍ଲାନ୍, ଯେଉଁଥିରେ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ମଧ୍ୟରେ ସମନ୍ୱିତ ସହଯୋଗ ବ୍ୟବସ୍ଥା ଲାଗୁ କରାଯାଇ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଥମଥର ପାଇଁ ୫୭ଟି ମନ୍ତ୍ରଣାଳୟ ଏବଂ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୋଟିଏ ଡିଜିଟାଲ ପ୍ଲାଟଫର୍ମ କାର୍ଯ୍ୟ କରୁଛି । ପ୍ରାୟ ୧ ହଜାର ୭୦୦ରୁ ଅଧିକ ତଥ୍ୟ ଭିତ୍ତିକ ବିଷୟକୁ ଗୋଟିଏ ପ୍ରକ୍ରିୟାରେ ସାମିଲ କରାଯାଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ, କାର୍ଯ୍ୟାନ୍ୱୟନ ଏବଂ ପରବର୍ତ୍ତୀ ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଏପର୍ଯ୍ୟନ୍ତ ୧୩ ଲକ୍ଷ ୫୯ କୋଟିରୁ ଅଧିକ ୨୯୩ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ ଏହି

ପ୍ରକ୍ରିୟାରେ କାର୍ଯ୍ୟକାରୀ କରାଯାଇଛି । ଜିଆଇଏସ୍ ଆଧାରିତ ମ୍ୟାପିଂ ବ୍ୟବସ୍ଥା, ବାସ୍ତବ ସମୟ ନିରୀକ୍ଷଣ ଏବଂ ବହୁମୁଖୀ ଯୋଗାଯୋଗ ମାଧ୍ୟମରେ ଗତିଶକ୍ତି ଦେଶର ଭିତ୍ତିଭୂମି ସୁଦୃଢ଼ୀକରଣ କାର୍ଯ୍ୟରେ ସହାୟକ ହୋଇଛି ଏବଂ ୨୦୪୭ ସୁଦ୍ଧା ଦେଶକୁ ବିକଶିତ କରିବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ରେଳବାଇରୁ ଆରମ୍ଭ କରି ରାଜପଥ ପର୍ଯ୍ୟନ୍ତ ଏବଂ ବନ୍ଦରରୁ ଆରମ୍ଭ କରି ବିମାନ ବନ୍ଦର ପର୍ଯ୍ୟନ୍ତ ପିଏମ୍ ଗତିଶକ୍ତି ବିକାଶ ସହ  ଜୀବନଯାପନର ସହଜତାକୁ ଅଗ୍ରାଧିକାର ଦେଇଛି ।

**Seba Parba Closing**

## ପିଏମ୍-ଡେଲି ବିଜେପି ଅଫିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀସ୍ଥିତ ଦୀନଦୟାଲ୍ ଉପାଧ୍ୟାୟ ମାର୍ଗରେ ବିଜେପି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା କହିଛନ୍ତି, ଏହି ନୂଆ କାର୍ଯ୍ୟାଳୟ କେବଳ ଏକ କାର୍ଯ୍ୟସ୍ଥଳୀ ନୁହେଁ, ବରଂ ଦଳୀୟ କର୍ମୀମାନଙ୍କ ମଧ୍ୟରେ ସାଂସ୍କୃତିକ ଓ ଦଳୀୟ ଚିନ୍ତାଧାରା ପରିପ୍ରକାଶ କ୍ଷେତ୍ରରେ ମୂଲ୍ୟବୋଧ ବହନ କରିବ । ଉଦ୍‌ଘାଟନୀ ସମାରୋହରେ ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦଳର ବରିଷ୍ଠ ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ ।

# ଏସିଆ କପ୍

ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ନବମ ଏସିଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ଚମ୍ପିୟାନ୍ ହୋଇଛି । ଏହି ପ୍ରତିଯୋଗିତାର ସମସ୍ତ ତିନୋଟି ମ୍ୟାଚ୍‌ରେ ପାକିସ୍ତାନ ଭାରତ ଠାରୁ ପରାସ୍ତ ହୋଇଛି । ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟ ଏବଂ ୨୧ ତାରିଖରେ ଅନୁଷ୍ଠିତ  ସୁପର୍ ଫୋର୍ ପର୍ଯ୍ୟାୟରେ ଭାରତ' ପାକିସ୍ତାନକୁ ପରାସ୍ତ କରିଥିଲା ।

ଗତକାଲି ଭାରତ ଟସ୍ ଜିତି ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନର ଓପନର ଯୋଡ଼ି ଶାହିବଯାଦା ଫର୍‌ହାନ୍ ଏବଂ ଫକର ଜମାନ ୯ ଓଭର୍‌ରେ ୮୪ ରନ୍ ସ୍କୋର କରିଥିଲେ । ୧୯ ଓଭର୍ ଗୋଟିଏ ବଲ୍‌ରେ ପାକିସ୍ତାନ ସମସ୍ତ ୱିକେଟ୍ ହରାଇ ୧୪୬ ରନ୍ ସ୍କୋର କରିଥିଲା । ଏହାର ଜବାବରେ ଭାରତର ପ୍ରଦର୍ଶନ ଖେଳର ପ୍ରଥମାର୍ଦ୍ଧରେ ଦୁର୍ବଳ ରହିଥିଲେ ମଧ୍ୟ ଶେଷ ଚାରି ଓଭର୍‌ରେ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ତିଳକ ବର୍ମା ୫୩ଟି ବଲ୍‌ରେ ୬୯ ରନ୍ ସଂଗ୍ରହ କରିଥିଲେ । ୧୯ ଓଭର୍ ୪ଟି ବଲ୍‌ରେ ଭାରତ ୫ ୱିକେଟ୍ ବିନିମୟରେ ୧୫୦ ରନ୍ ସ୍କୋର କରିଥିଲା ।

ଗତକାଲି ଅନୁଷ୍ଠିତ ଏହି ଫାଇନାଲ୍ ମ୍ୟାଚ୍‌ରେ ପୁରସ୍କାର ପ୍ରଦାନ ସମାରୋହରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ମଞ୍ଚ ଉପରେ ପାକିସ୍ତାନର ଆଭ୍ୟନ୍ତରିଣ ମନ୍ତ୍ରୀ ତଥା ଏସୀୟ କ୍ରିକେଟ୍ ପରିଷଦର ଅଧ୍ୟକ୍ଷ ମୋହସିନ୍ ନକ୍‌ବୀ ଅସ୍ୱାଭାବିକ ଭାବେ ଛିଡ଼ା ହୋଇ ରହିଥିବାରୁ ଭାରତୀୟ ଦଳ ପୁରସ୍କାର ଗ୍ରହଣ କରିବା ପାଇଁ ଯାଇନଥିଲା । ଫଳରେ ଏସିଆ କପ୍‌କୁ ମଞ୍ଚ ଉପରୁ ତଳକୁ ଆଣି ଭାରତୀୟ ଦଳକୁ ଦିଆଯାଇଥିଲା । ମ୍ୟାଚ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏସିଆ କପ୍-୨୦୨୫ ପ୍ରତିଯୋଗିତାରୁ ତାଙ୍କର ସଂପୂର୍ଣ୍ଣ ମ୍ୟାଚ୍ ଫି୍‌କୁ ଭାରତୀୟ ସେନାକୁ ଦାନ କରିବାକୁ ଘୋଷଣା କରିଥିଲେ ।

# ଏସିଆକପ୍-କନ୍‌ଗ୍ରାଜୁଲେସନ୍

ଏସିଆକପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଚମ୍ପିୟାନ୍ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି । ଦଳର ଗୌରବ କାମନା କରି ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଲେଖିଛନ୍ତି, ଭବିଷ୍ୟତରେ ଟିମ୍ ଇଣ୍ଡିଆ ଏହିଭଳି ସଫଳତା ହାସଲ କରୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏସିଆ କପ୍‌ରେ ଭାରତ-ପାକିସ୍ତାନ ଫାଇନାଲ୍ ମ୍ୟାଚ୍‌କୁ ଅପରେସନ ସିନ୍ଦୂର ସହିତ ତୁଳନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଜିତିଛି ଏବଂ ଫଳାଫଳ ସମାନ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି,

ଖେଳପଡ଼ିଆରେ ଅପରେସନ ସିନ୍ଦୂର ଓ ଫଳାଫଳ ସମାନ। ଶ୍ରୀ ମୋଦୀ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଛନ୍ତି ।

## ଜି.ଏସ୍.ଟି. - ଇଲେକ୍ଟ୍ରୋନିକ୍ସ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ କରିବାକୁ ଯାଇ ଏବେ ଦେଶରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରାଯାଇଛି । ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ନୂଆ ଜି.ଏସ୍.ଟି. ଟିକସହାର ମାଧ୍ୟମରେ ଲାଭ ପାଇବା ଆରମ୍ଭ କରିଛନ୍ତି । ନୂଆ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ, ଦୁଇ ଥାକିଆକୁ ପରିବର୍ତ୍ତନ କରିଛି । ପୂର୍ବରୁ ଥିବା ୫, ୧୨, ୧୮, ୨୮ ପ୍ରତିଶତ ଟିକସ ହାରକୁ କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

ନୂତନ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର  ସାଧାରଣ ନାଗରିକଙ୍କୁ ସୁବିଧା ପ୍ରଦାନ କରିବାକୁ ଯାଇ ଅନେକ ଗୁଡ଼ିଏ ଖାଦ୍ୟସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛନ୍ତି । ପିଜା ବ୍ରେଡ୍, ଚପାତି ଭଳି ଖାଦ୍ୟପଦାର୍ଥ ଉପରେ ପୂର୍ବରୁ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିବା ବେଳେ ନୂତନ ସଂସ୍କରଣ ଅନୁଯାୟୀ ଏହାକୁ ସଂପୂର୍ଣ୍ଣ ଜିଏସଟି ମୁକ୍ତ କରାଯାଇଛି । ସେହିପରି ବିଭିନ୍ନ ପ୍ରକାର ମସଲା ଏବଂ ସସ୍ ଉପରେ ଟିକସ ହାର ୫ ପ୍ରତିଶତକୁ ହ୍ରାସ କରାଯାଇଛି । ସାଧାରଣ ଲୋକଙ୍କ ଖର୍ଚ୍ଚ

ହ୍ରାସ କରିବା ଏବଂ ଅର୍ଥନୈତିକ ଦୃଷ୍ଟିରୁ ପରିବାରଗୁଡ଼ିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ମଧ୍ୟବିତ୍ତ ଏବଂ ନିମ୍ନମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ଆୟ ଓ ବ୍ୟୟ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ୨୧ ତାରିଖରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ଉପରେ ଗୁରୁତ୍ୱପ୍ରଦାନ କରିବା ସହିତ କହିଛନ୍ତି ଯେ ସ୍ୱଦେଶୀ ବସ୍ତୁ ବ୍ୟବହାର କରିବା ଦ୍ୱାରା ଦେଶର ଘରୋଇ ଶିଳ୍ପକୁ ସମର୍ଥନ ମିଳିବା ସହ ସ୍ଥାନୀୟ କାରିଗର ଏବଂ ଉତ୍ପାଦକମାନଙ୍କୁ ପ୍ରୋତ୍ସାହିତ କରାଯାଇ ପାରିବ ।

**V/O (PM- Swadeshi)**

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପ୍ରତ୍ୟେକ ପରିବାର ପାଇଁ ସଞ୍ଚୟର ଋତୁ-ଜିଏସଟି ସଞ୍ଚୟ ଉତ୍ସବ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଅର୍ଥନୈତିକ ବିଶେଷଜ୍ଞ ଡକ୍ଟର ଅମନ୍ ଅଗ୍ରୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।